**ସୁର୍ଜା ଏବଂ ଅନ୍ୟମାନେ**

**ବନାମ**

**ଭାରତ ସଂଘ ଏବଂ ଅନ୍ୟଜଣେ**

**ସେପ୍ଟେମ୍ବର 13, 1991**

**[ପ୍ରଧାନ ନ୍ୟାୟାଧୀଶ ରଙ୍ଗନାଥ ମିଶ୍ର ଏବଂ ପି.ବି. ସାୱନ୍ତ, ନ୍ୟାୟମୂର୍ତ୍ତିଦ୍ୱୟ]**

*ସ୍ୱାଧୀନତା ସଂଗ୍ରାମୀ ପେନସନ ଯୋଜନା, 1972 (ସ୍ୱତନ୍ତ୍ରତା ସୈନିକ ସମ୍ମାନ ପେନସନ ଯୋଜନା, 1980) - ଏହା ଅଧୀନରେ ପେନସନ - ଯୋଗ୍ୟତା ସୂଚିତ ।*

*ଭାରତର ସମ୍ବିଧାନ, 1950 - ଅନୁଚ୍ଛେଦ 32 - ସ୍ୱାଧୀନତା ସଂଗ୍ରାମୀ ପେନସନ ଦାବି କରି ଆଜ୍ଞାଦେଶ ଆବେଦନ - ଆର୍ଯ୍ୟ ସମାଜ ଆନ୍ଦୋଳନ - ଏହା ସ୍ୱାଧୀନତା ସଂଗ୍ରାମର ଅଂଶବିଶେଷ ଅଟେ କି ନାହିଁ - ସ୍ୱାଧୀନତା ସଂଗ୍ରାମୀଙ୍କ ପେନସନ - ଆର୍ଯ୍ୟ ସମାଜୀମାନେ ଏଥିପାଇଁ ହକଦାର କି ନୁହେଁ ।*

ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ଉଦ୍ଦିଷ୍ଟ ପେନସନ ଯୋଜନାର ସୁବିଧା ଦାବି କରି 55 ଜଣ ବ୍ୟକ୍ତିଙ୍କ ଦ୍ୱାରା ସମ୍ବିଧାନର ଅନୁଚ୍ଛେଦ 32 ଅଧୀନରେ ଦାୟର ଆବେଦନରେ ଆବେଦନକାରୀମାନେ ଯୁକ୍ତି କରିଥିଲେ ଯେ, ସେମାନେ 1932 ଦଶକର ଶେଷ ଭାଗରେ ତତ୍କାଳୀନ ନିଜାମଙ୍କ ହାଇଦ୍ରାବାଦ ରାଜ୍ୟ ମଧ୍ୟରେ ଆର୍ଯ୍ୟ ସମାଜ ଆନ୍ଦୋଳନରେ ଯୋଗ ଦେଇଥିଲେ ଏବଂ ଫୌଜଦାରୀ ଆଇନର ବିଭିନ୍ନ ବ୍ୟବସ୍ଥା ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇ ବିଭିନ୍ନ ମିଆଦର କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ; ଆର୍ଯ୍ୟ ସମାଜ ଆନ୍ଦୋଳନକୁ ସ୍ୱାଧୀନତା ସଂଗ୍ରାମ ସହିତ ସମାନ ବୋଲି ଗ୍ରହଣ କରାଯାଇଥିଲା ଏବଂ ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କ ପାଇଁ ପେନସନ ଯୋଜନାର ସୁବିଧା ଗ୍ରହଣୀୟ ଥିଲା ।

ଭାରତ ସରକାର ଆର୍ଯ୍ୟ ସମାଜ ଆନ୍ଦୋଳନକୁ ସ୍ୱାଧୀନତା ସଂଗ୍ରାମର ଏକ ଅଂଶ ଭାବରେ ସ୍ୱୀକାର କରିଛନ୍ତି ବୋଲି ଆବେଦନକାରୀଙ୍କ ଦାବିକୁ ଉତ୍ତରଦାତାମାନେ ବିରୋଧ ନ କରିଥିଲେ ହେଁ, ଅଧିକାଂଶ ଆବେଦନକାରୀଙ୍କ କ୍ଷେତ୍ରରେ ପେନସନ ପାଇବାର ଯୋଗ୍ୟତାକୁ ନେଇ ବିବାଦ ଉଠାଇଥିଲେ ।

ଏହି ଆବେଦନକୁ ମଞ୍ଜୁର କରି, ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଇଥିଲେ:

**1. 1972 ମସିହାର ସ୍ୱାଧୀନତା ସଂଗ୍ରାମୀ ପେନସନ ଯୋଜନା, ଯାହାକୁ ପରବର୍ତ୍ତୀ ସମୟରେ "ସ୍ୱତନ୍ତ୍ରତା ସୈନିକ ସମ୍ମାନ ପେନସନ ଯୋଜନା, 1980" ଭାବେ ନାମିତ କରାଯାଇଥିଲା, ତାହା ସୂଚିତ କରେ କି: "ସ୍ୱାଧୀନତା ପୂର୍ବରୁ ସ୍ୱାଧୀନତା ସଂଗ୍ରାମ ସମୟରେ ମୁଖ୍ୟ ଭୂଖଣ୍ଡର କାରାଗାରଗୁଡ଼ିକରେ ଯେଉଁ ବ୍ୟକ୍ତି ସର୍ବନିମ୍ନ ଛଅ ମାସ କାରାଦଣ୍ଡ ଭୋଗିଥିବେ, ସେ ପେନସନ ସୁବିଧା ପାଇବାକୁ ଯୋଗ୍ୟ ଅଟନ୍ତି"। ପ୍ରତ୍ୟେକ ଆବେଦନକାରୀ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ଛଅ ମାସରୁ ଅଧିକ ସମୟ କାରାଦଣ୍ଡ ଭୋଗିବା ପାଇଁ ଆଦେଶ ପ୍ରାପ୍ତ ହୋଇଥିଲେ । ସେମାନେ ଦଣ୍ଡ ଭୋଗୁଥିବା ସମୟରେ, କୌଣସି ଦଣ୍ଡ ହ୍ରାସ ପାଇଁ ପ୍ରାର୍ଥନା କରିନଥିଲେ ହେଁ, ତତ୍କାଳୀନ ନିଜାମଙ୍କ ଜନ୍ମଦିନ ଅବସରରେ ଏକ ସାମୂହିକ କ୍ଷମା ଘୋଷଣା କରାଯାଇଥିଲା ଏବଂ ଦଣ୍ଡର ଅବଧି ହ୍ରାସ କରାଯାଇ ଆବେଦନକାରୀମାନଙ୍କୁ ମୁକ୍ତ କରାଯାଇଥିଲା । [118 E-F, D]**

**2. ମାମଲାର ତଥ୍ୟକୁ ଆଧାର କରି ଏହା କହିବା ଉପଯୁକ୍ତ ହେବ ଯେ, ପ୍ରତ୍ୟେକ ଆବେଦନକାରୀ ପେନସନ ସୁବିଧା ପାଇବା ପାଇଁ ଥିବା ସର୍ତ୍ତ ପୂରଣ କରୁଥିଲେ ଏବଂ ଛଅ ମାସରୁ ଅଧିକ ଅବଧି ପାଇଁ ପ୍ରଦତ୍ତ ଦଣ୍ଡ ଭୋଗୁଥିବା ସମୟରେ ଯେହେତୁ ଦଣ୍ଡାଦେଶ ହ୍ରାସ ବା କ୍ଷମା ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କୁ ଆଗୁଆ ଛାଡ଼ି ଦିଆଯାଇଥିଲା, ତାହା ସେମାନଙ୍କର ପେନସନ ପାଇବାର ଅଧିକାରକୁ କ୍ଷୁଣ୍ଣ କରିବ ନାହିଁ । [118F]**

**ଆଜ୍ଞାଦେଶ ଆବେଦନ ସଂଖ୍ୟା 1190/89 ରେ** *ଦୁଲି ଚାନ୍ଦ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ* **ମାମଲାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 1991 ମସିହା ଜୁଲାଇ 16 ତାରିଖରେ ପ୍ରଦତ୍ତ ରାୟକୁ ଅନୁସରଣ କରାଯାଇଛି ।**

ମୂଳ କ୍ଷେତ୍ରାଧିକାର:ଆଜ୍ଞାଦେଶ ଆବେଦନ (ଦେୱାନୀ) ସଂଖ୍ୟା 75/1991 ।

(ଭାରତର ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ)

ଆବେଦନକାରୀମାନଙ୍କ ପକ୍ଷରୁ ଆର୍.ପି. ସିଂହ ।

ଉତ୍ତରଦାତାମାନଙ୍କ ପକ୍ଷରୁ ଆଟର୍ଣ୍ଣି ଜେନେରାଲ ଜି. ରାମସ୍ୱାମୀ, ଏ.କେ. ଶ୍ରୀବାସ୍ତବ ଏବଂ ସୁଶ୍ରୀ ଏ. ସୁଭାଶିନୀ (ଅନୁପସ୍ଥିତ) ।

ନ୍ୟାୟାଳୟଙ୍କ ରାୟ **ପ୍ରଧାନ ନ୍ୟାୟାଧୀଶ ରଙ୍ଗନାଥ ମିଶ୍ରଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା ।

ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ଉଦ୍ଦିଷ୍ଟ ପେନସନ ଯୋଜନାର ସୁବିଧା ଦାବି କରି 55 ଜଣ ବ୍ୟକ୍ତି - ଉଭୟ ପୁରୁଷ ଓ ମହିଳା - ସମ୍ବିଧାନର ଅନୁଚ୍ଛେଦ 32 ଅଧୀନରେ ଏହି ଆବେଦନ କରିଛନ୍ତି ।

ଆବେଦନକାରୀମାନଙ୍କର ଏହା ସାମୂହିକ ଯୁକ୍ତି ଯେ, ସେମାନେ 1930 ଦଶକର ଶେଷ ଭାଗରେ ତତ୍କାଳୀନ ନିଜାମଙ୍କ ହାଇଦ୍ରାବାଦ ରାଜ୍ୟ ମଧ୍ୟରେ ଆର୍ଯ୍ୟ ସମାଜ ଆନ୍ଦୋଳନରେ ଯୋଗ ଦେଇଥିଲେ ଏବଂ ନିଜାମଙ୍କ ରାଜ୍ୟରେ ପ୍ରଚଳିତ ଫୌଜଦାରୀ ଆଇନର ବିଭିନ୍ନ ବ୍ୟବସ୍ଥା ଅଧୀନରେ ପ୍ରତ୍ୟେକ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇ ବିଭିନ୍ନ ମିଆଦର କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ କ୍ଷେତ୍ରରେ କାରାଦଣ୍ଡର ଅବଧି ପ୍ରାୟ ଦୁଇ ବର୍ଷ ଥିଲା । ସେମାନେ ଦାବି କରିଥିଲେ କି ଆର୍ଯ୍ୟ ସମାଜ ଆନ୍ଦୋଳନକୁ ସ୍ୱାଧୀନତା ସଂଗ୍ରାମ ସହିତ ସମାନ ବୋଲି ଗ୍ରହଣ କରାଯାଇଛି ଏବଂ ଆର୍ଯ୍ୟ ସମାଜୀ ଭାବରେ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କ ପାଇଁ ପେନସନ ଯୋଜନାର ସୁବିଧା ଗ୍ରହଣୀୟ ଅଟେ । ସେମାନଙ୍କ କହିବା ଅନୁଯାୟୀ, ନିଜର ଯୌବନ ସମୟରେ ଆବେଦନକାରୀମାନେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ସ୍ୱର୍ଗତ ପଣ୍ଡିତ ଜବାହରଲାଲ ନେହେରୁ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଏବଂ ଅନ୍ୟାନ୍ୟ ନେତାଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ନିଜର ଘରଦ୍ୱାର ତ୍ୟାଗ କରି ନିଜାମ ରାଜ୍ୟ ମଧ୍ୟରେ ଚାଲିଥିବା ଆନ୍ଦୋଳନରେ ଯୋଗ ଦେଇଥିଲେ ଏବଂ ଏହାର ପରିଣାମ ଭୋଗିଥିଲେ । ଯେହେତୁ ସେମାନଙ୍କର ପେନସନ ଦାବି ଭାରତ ସରକାରଙ୍କ ଦ୍ୱାରା ଗୃହୀତ ହୋଇନଥିଲା, ତେଣୁ ସେମାନେ ଏହି ଯୋଜନାର ସୁବିଧା ପାଇବା ପାଇଁ ଉପଯୁକ୍ତ ନିର୍ଦ୍ଦେଶ ପ୍ରାର୍ଥନା କରି ଏହି ନ୍ୟାୟାଳୟରେ ଆବେଦନ କରିଛନ୍ତି ।

ଗୃହ ମନ୍ତ୍ରଣାଳୟର ଅନୁଶାସନ ସଚିବ ଆଲମଙ୍କ ଦ୍ୱାରା ଉତ୍ତରଦାତାଙ୍କ ପକ୍ଷରୁ ଏକ ପାଲଟା ସତ୍ୟପାଠ ଦାୟର କରାଯାଇଛି, ଯେଉଁଥିରେ ଭାରତ ସରକାର ଆର୍ଯ୍ୟ ସମାଜ ଆନ୍ଦୋଳନକୁ ସ୍ୱାଧୀନତା ସଂଗ୍ରାମର ଏକ ଅଂଶ ଭାବରେ ସ୍ୱୀକାର କରିଛନ୍ତି ବୋଲି ହୋଇଥିବା ଆବେଦନକାରୀମାନଙ୍କ ଦାବିକୁ ସେ ବିରୋଧ କରିନଥିଲେ ହେଁ, ଅଧିକାଂଶ ଆବେଦନକାରୀଙ୍କ କ୍ଷେତ୍ରରେ ପେନସନ ପାଇବାର ଯୋଗ୍ୟତାକୁ ନେଇ ସେ ବିବାଦ ଉଠାଇଛନ୍ତି ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 1190/89 (*ଦୁଲି ଚାନ୍ଦ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ* ମାମଲା) ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା 1991 ମସିହା ଜୁଲାଇ 16 ତାରିଖରେ ପ୍ରଦତ୍ତ ରାୟ ଉପରେ ଆବେଦନକାରୀମାନେ ନିର୍ଭର କରିଛନ୍ତି, ଯେଉଁଥିରେ 41 ଜଣ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ସମାନ ଦାବି ଗୃହୀତ ହୋଇଥିଲା । ପାଲଟା ସତ୍ୟପାଠ ଅନୁଯାୟୀ,

ସେହି ମାମଲାଟି ଏକତରଫା ଭାବେ ଏବଂ ସେଥିରେ ଥିବା ଆବେଦନକାରୀମାନଙ୍କ ସମସ୍ତ ଅଭିଯୋଗକୁ ଗ୍ରହଣ କରି ଫଏସଲା କରାଯାଇଥିଲା । ବର୍ତ୍ତମାନ ପାଲଟା ସତ୍ୟପାଠରେ ଉଠାଯାଇଥିବା ବିବାଦ, ବିଶେଷ କରି ତଥ୍ୟଗତ ଦିଗକୁ ଦୃଷ୍ଟିରେ ରଖି, ଆମେ ମନେ କରୁନାହୁଁ ଯେ ଉକ୍ତ ଆଜ୍ଞାଦେଶ ଆବେଦନରେ ଏହି ନ୍ୟାୟାଳୟଙ୍କ ଆଦେଶକୁ ଆପଣେଇ ବର୍ତ୍ତମାନର ଆବେଦନର ଫଏସଲା କରିବା ଉଚିତ ହେବ ।

ଏହା ଏକ ସ୍ୱୀକୃତ ସ୍ଥିତି ଯେ ଯଦି ଆବେଦନକାରୀମାନେ ଆର୍ଯ୍ୟ ସମାଜ ଆନ୍ଦୋଳନରେ ଅଂଶଗ୍ରହଣ କରିବା କାରଣରୁ ସର୍ବନିମ୍ନ ଛଅ ମାସର କାରାଦଣ୍ଡ ଭୋଗିଛନ୍ତି, ତେବେ ସେମାନେ "ସ୍ୱତନ୍ତ୍ରତା ସୈନିକ ସମ୍ମାନ ପେନସନ ଯୋଜନା" ଅଧୀନରେ ପେନସନ ପାଇବାକୁ ଯୋଗ୍ୟ ହେବେ । ତେଣୁ, ଆବେଦନକାରୀମାନେ ପ୍ରକୃତରେ ସେପରି ଦଣ୍ଡ ଭୋଗିଛନ୍ତି କି ନାହିଁ, ତାହା ହେଉଛି ବିଚାର୍ଯ୍ୟ ପ୍ରଶ୍ନ ।

ଆମେ ପୂର୍ବରୁ ଉଲ୍ଲେଖ କରିଛୁ ଯେ, ଅଧିକାଂଶ ଆବେଦନକାରୀ ଏପରି ଦଲିଲ ଉପସ୍ଥାପନ କରିଛନ୍ତି ଯାହା ଦର୍ଶାଉଛି ଯେ ସେମାନେ ଅଭିଯୋଗ ଅନୁଯାୟୀ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ ଏବଂ ଛଅ ମାସରୁ ଅଧିକ ଅବଧି ପାଇଁ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ । ସେମାନେ ଦଣ୍ଡ ଭୋଗୁଥିବା ସମୟରେ, କୌଣସି ଦଣ୍ଡ ହ୍ରାସ ପାଇଁ ପ୍ରାର୍ଥନା କରିନଥିଲେ ହେଁ, ତତ୍କାଳୀନ ନିଜାମଙ୍କ ଜନ୍ମଦିନ ଅବସରରେ ଏକ ସାମୂହିକ କ୍ଷମା ଘୋଷଣା କରାଯାଇଥିଲା ଏବଂ ଦଣ୍ଡର ଅବଧି ହ୍ରାସ କରାଯାଇ ଆବେଦନକାରୀମାନଙ୍କୁ ମୁକ୍ତ କରାଯାଇଥିଲା ।

1972 ମସିହାର ସ୍ୱାଧୀନତା ସଂଗ୍ରାମୀ ପେନସନ ଯୋଜନାକୁ "ସ୍ୱତନ୍ତ୍ରତା ସୈନିକ ସମ୍ମାନ ପେନସନ ଯୋଜନା 1980" ଭାବେ ନାମିତ କରାଯାଇଥିଲା । ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ପୁସ୍ତିକା ଏହା ସୂଚିତ କରେ କି: "ସ୍ୱାଧୀନତା ପୂର୍ବରୁ ସ୍ୱାଧୀନତା ସଂଗ୍ରାମ ସମୟରେ ମୁଖ୍ୟ ଭୂଖଣ୍ଡର କାରାଗାରଗୁଡ଼ିକରେ ଯେଉଁ ବ୍ୟକ୍ତି ସର୍ବନିମ୍ନ ଛଅ ମାସ କାରାଦଣ୍ଡ ଭୋଗିଥିବେ, ସେ ପେନସନ ସୁବିଧା ପାଇବାକୁ ଯୋଗ୍ୟ ଅଟନ୍ତି"। ପୂର୍ବରୁ ଏହା ସୂଚିତ କରାଯାଇଛି ଯେ ପ୍ରତ୍ୟେକ ଆବେଦନକାରୀ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ଛଅ ମାସରୁ ଅଧିକ କାରାଦଣ୍ଡ ଭୋଗିବାକୁ ଆଦେଶ ପାଇଥିଲେ । ଆବେଦନକାରୀମାନଙ୍କର ଏହି ଦାବି ଯେ ସେମାନେ କୌଣସି ଦଣ୍ଡ ହ୍ରାସ ପାଇଁ ଆବେଦନ କରିନଥିଲେ, ତାହା ଉପରେ କୌଣସି ସନ୍ଦେହ କରାଯାଇ ନାହିଁ ବା ବିରୋଧ କରାଯାଇ ନାହିଁ । ମାମଲାର ତଥ୍ୟକୁ ଆଧାର କରି ଏହା ବିବେଚନା କରିବା ଉଚିତ ହେବ କି ପ୍ରତ୍ୟେକ ଆବେଦନକାରୀ ପେନସନ ସୁବିଧା ପାଇବା ପାଇଁ ସର୍ତ୍ତ ପୂରଣ କରୁଛନ୍ତି ଏବଂ ଛଅ

ମାସରୁ ଅଧିକ ଅବଧି ପାଇଁ ପ୍ରଦତ୍ତ ଦଣ୍ଡ ଭୋଗୁଥିବା ସମୟରେ ଯେହେତୁ ଦଣ୍ଡ ହ୍ରାସ ମଞ୍ଜୁର କରାଯାଇଥିଲା ଏବଂ ସେମାନଙ୍କୁ ପୂର୍ବରୁ ଛାଡ଼ି ଦିଆଯାଇଥିଲା, ତାହା ସେମାନଙ୍କର ପେନସନ ପାଇବାର ଅଧିକାରକୁ କ୍ଷୁଣ୍ଣ କରିବ ନାହିଁ । ଉତ୍ତରଦାତାମାନଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଆଟର୍ଣ୍ଣି ଜେନେରାଲ ଯୋଗ୍ୟତା ସମ୍ବନ୍ଧୀୟ ଖଣ୍ଡର ଏହି ବ୍ୟାଖ୍ୟାକୁ ଗ୍ରହଣ କରିଛନ୍ତି । ତଦନୁସାରେ ଆଜ୍ଞାଦେଶ ଆବେଦନଟିକୁ ମଞ୍ଜୁର କରାଯାଉଛି ଏବଂ ଆଜିଠାରୁ ଦୁଇ ମାସ ମଧ୍ୟରେ ଆବେଦନକାରୀମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଏହି ଯୋଜନା ଅଧୀନରେ ପେନସନ ପ୍ରଦାନ କରିବା ପାଇଁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି । ସମ୍ପୃକ୍ତ ମାମଲା ପରି ଏହି ପେନସନ୍ 1 ଅଗଷ୍ଟ 1980 ରୁ ପ୍ରଦାନ କରାଯାଉ । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଭି.ପି.ଆର୍.                                        ଆବେଦନ ମଞ୍ଜୁର ହେଲା ।

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**